# Official Spokesperson's response to media queries regarding reports of a second bridge being constructed across Pangong Lake by China

May 20, 2022

## ଚୀନ ଦ୍ୱାରା ପାଙ୍ଗୋଙ୍ଗ ହ୍ରଦ ଉପରେ ଦ୍ୱିତୀୟ ସେତୁ ନିର୍ମାଣ କରିବା ଖବର ସମ୍ପର୍କରେ ଗଣମାଧ୍ୟମ ପ୍ରଶ୍ନକୁ ନେଇ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

ମଇ 20, 2022

ଚୀନ ଦ୍ୱାରା ପାଙ୍ଗୋଙ୍ଗ ହ୍ରଦ ଉପରେ ଦ୍ୱିତୀୟ ସେତୁ ନିର୍ମାଣ କରିବା ଖବର ସମ୍ପର୍କରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅରିନ୍ଦମ ବାଗଚି କହିଛନ୍ତି:

"ପାଙ୍ଗୋଙ୍ଗ ହ୍ରଦ ଉପରେ ଚୀନ ଦ୍ୱାରା ପୂର୍ବରୁ ନିର୍ମିତ ସେତୁ ନିକଟରେ ଆଉ ଏକ ସେତୁ ନିର୍ମିତ ହେବାର ଖବର ବିଷୟରେ ଆମେ ଅବଗତ। ଷାଠିଏ ଦଶକରୁ ଚୀନର ବେଆଇନ ଦଖଲରେ ରହିଆସିଥିବା ଅଞ୍ଚଳରେ ଉଭୟ ସେତୁ ଅଛି। ଆମ ଅଞ୍ଚଳରେ ଏପରି ବେଆଇନ ଦଖଲକୁ ଆମେ କଦାପି ସ୍ୱୀକାର କରିନାହୁଁ କିମ୍ବା ଚୀନର ଅନୁଚିତ ଦାବି କିମ୍ବା ଏପରି ନିର୍ମାଣ କାର୍ଯ୍ୟକୁ ଆମେ ସ୍ୱୀକାର କରିନାହୁଁ। ଆମେ ଅନେକ ସମୟରେ ଏହା ସ୍ପଷ୍ଟ କରିଛୁ ଯେ ଜାମ୍ମୁ ଓ କାଶ୍ମୀର ଏବଂ ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳ ଭାରତର ଏକ ଅଭିନ୍ନ ଅଙ୍ଗ ଏବଂ ଆମେ ଆଶା କରୁଛୁ ଯେ ଅନ୍ୟ ଦେଶମାନେ ଭାରତର ସାର୍ବଭୌମତ୍ୱ ଓ ଆଞ୍ଚଳିକ ଅଖଣ୍ଡତାକୁ ସମ୍ମାନ କରିବେ।

ଦେଶର ସୁରକ୍ଷାକୁ ସମ୍ପୂର୍ଣ୍ଣ ରୂପେ ସୁନିଶ୍ଚିତ କରିବା ପାଇଁ ସରକାର ସୀମାବର୍ତ୍ତୀ ଅଞ୍ଚଳରେ ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି, ବିଶେଷ କରି 2014 ଠାରୁ ସଡ଼କ ଓ ସେତୁ ଆଦି ନିର୍ମାଣ କରିଛନ୍ତି। ଭାରତର ରଣନୀତିକ ଓ ସୁରକ୍ଷା ଆବଶ୍ୟକତାକୁ ପୂରଣ କରିବା ତଥା ଏହି ଅଞ୍ଚଳର ଆର୍ଥିକ ବିକାଶକୁ ସୁଗମ କରିବା ଉଦ୍ଦେଶ୍ୟରେ ସରକାର ସୀମାବର୍ତ୍ତୀ ଅଞ୍ଚଳରେ ଭିତ୍ତିଭୂମି ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଅବଶ୍ୟ, ଭାରତର ସୁରକ୍ଷା ଉପରେ ପ୍ରଭାବ ପକାଉଥିବା ସମସ୍ତ ଘଟଣା ଉପରେ ସରକାର ନିରନ୍ତର ନଜର ରଖନ୍ତି ଏବଂ ଏହାର ସାର୍ବଭୌମତ୍ୱ ତଥା ଆଞ୍ଚଳିକ ଅଖଣ୍ଡତା ବଜାୟ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରନ୍ତି।”

**ନୂଆଦିଲ୍ଲୀ**

ମଇ 20, 2022

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.